# ବିଜ୍ଞାନ ଓ ବୈଷୟିକ ଜ୍ଞାନ ଲୋକଙ୍କ ହିତରେ ଆସୁ

## ସି ଭି ରମଣରେ ବିପିୟୁଟି ଓ ଏନ୍‌ବିଏର କର୍ମଶାଳା

ଖଣ୍ଡଗିରି,୧୭।୮(ଇମିସ): ବିଜ୍ଞାନ ଓ ବୈଷୟିକ ଜ୍ଞାନ ସିଧାସଳଖ ସାଧାରଣ ଲୋକଙ୍କ ହିତରେ ଆସିବା ଉଚିତ୍। ନଚେତ୍ ବିଜ୍ଞାନ ଓ ବୈଷୟିକ ଜ୍ଞାନର ସମସ୍ତ ଉଦ୍‌ଭାବନର କିଛି ମୂଲ୍ୟ ନାହିଁ ବୋଲି ବୁଝିବାକୁ ହେବ। ଏହାବାଦ୍ ଆଜି ଯେଉଁ ଗୁଣାତ୍ମକ ଶିକ୍ଷା ଉନ୍ନତିର ଦୃଷ୍ଟି ଦେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି,ସେଥିରେ ବିଜ୍ଞାନ ଓ ଭୌତିକ ଜ୍ଞାନ ଉଭୟ ବିଷୟକୁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ଆଜି ସିଭିରମଣ ଇଂଜିନିୟରିଂ କଲେଜ ପରିସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀ ନେସନାଲ୍ ବୋର୍ଡ଼ ଅଫ୍ ଆକ୍ରିଡେସନ୍(ଏନ୍‌ବିଏ)ର ମିଳିତ ଉଦ୍ୟମରେ ଆୟୋଜିତ ଏକ କର୍ମଶାଳାରେ ରାଜ୍ୟପାଳ ତଥା ବିପିୟୁଟିର କୁଳାଧିପତି ଏସ୍ ସି ଜମିର୍ ଏହା କହିଛନ୍ତି। ସମ୍ପ୍ରତି ବିଶ୍ୱରେ ୫୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭିତରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ନଥିବା ଉପରେ ମତ ରଖି ସେ କହିଲେ ଯେ ଏଭଳି କର୍ମଶାଳା ଏ ଦିଗରେ କିଭଳି ଉପଯୋଗୀ ହେବ ତାହା ପରଖିବା କଥା।

ଏହି ଅବସରରେ ବିପିୟୁଟି କୁଳପତି ଶ୍ୟାମସୁନ୍ଦର ପଟ୍ଟନାୟକ ଏବେ ବିପିୟୁଟି ପକ୍ଷରୁ ନିଆଯାଉଥିବା ବିଭିନ୍ନ ପରିବର୍ତ୍ତିତ ବିକାଶଶୀଳ ପଦକ୍ଷେପ ଉପରେ ବକ୍ତବ୍ୟ ରଖିଥିଲେ। ପଞ୍ଜାବର ଏକ ବିଶ୍ୱବିଦ୍ୟାଳୟ ସହ ବିପିୟୁଟି ଏମ୍‌ଓୟୁ କରିଥିବା ନେଇ



ସେ ସୂଚନା ଦେଇଥିଲେ। ଡିଜିଟାଲ ଇଣ୍ଡିଆ ଭଳି ମିସନକୁ ଆଖିରେ ରଖି ବିପିୟୁଟି ପକ୍ଷରୁ ବିଭିନ୍ନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଏନ୍‌ବିଏର ସଦସ୍ୟ ସମ୍ପାଦକ ଏକେ ନାସା କହିଥିଲେ ଯେ ଦେଶରେ ସମସ୍ତ ବୈଷୟିକ କଲେଜଗୁଡ଼ିକୁ ସ୍ୱୟଂଶାସିତ କରିବା ସହ ସ୍ୱୀକୃତିପ୍ରାପ୍ତ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଜରୁରି। ଦକ୍ଷତା ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ବିକାଶ ଭଳି କାର୍ଯ୍ୟକ୍ରମକୁ ନିରବିଚ୍ଛିନ୍ନଭାବେ ଚାଲୁ ରଖିବା ଦରକାର ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ସିଭିରମଣ ଇଂଜିନିୟରିଂ କଲେଜର ଅଧ୍ୟକ୍ଷ ଇଂ ସଜୀବ ରାଉତ୍ ମାନ୍ୟବର ରାଜ୍ୟପାଳ ଓ ଅନ୍ୟ ଅତିଥିମାନଙ୍କୁ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିପିୟୁଟି ରେଜିଷ୍ଟ୍ରାର ପ୍ରଫେସର ଏମ୍ ଅଲତାଫ୍ ଖାନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ 'ଆଉଟ୍‌କମ୍ ବେସଡ୍ ଏଜୁକେସନ୍ ଆଣ୍ଡ୍ ଆକ୍ରିଡେସନ୍' ଶୀର୍ଷକ ଏହି କର୍ମଶାଳାରେ ରାଜ୍ୟର ସମସ୍ତ ବିପିୟୁଟି ସ୍ୱୀକୃତିପ୍ରାପ୍ତ ବୈଷୟିକ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ।